SKOCH AWARD 2023 for Disaster Management System of Govt. of Odisha

Chief Secretary, Odisha receiving the award memento from Additional Chief Secretary (Revenue) and other officers including NIC team led by Shri Lalatendu Dash, Sr. Director (IT)

Govt. of Odisha bagged the e-governance award ''**SKOCH AWARD - 2023**'' for Disaster Assistance Monitoring & Payment System (DAMPS), Odisha. Among the participating e-Governance projects from various states, **DAMPS** project of Revenue & Disaster Management Department, Govt. of Odisha, was selected for one of the best category of award i.e "**SKOCH SILVER AWARD 2023**". The project has been developed in technical collaboration with NIC, Odisha State Centre, Bhubaneswar and is running successfully for the last 2 years.

The award was received by officers from Govt. of Odisha in the award ceremony held on 10th February, 2024 at New Delhi.

DAMPS, an online integrated workflow oriented system comprising of various Government to Citizen (G2C) services and Departmental (G2G) services combined with real time systems has been developed to ensure that the financial assistance is given to the Next of Kin (NOKs) of victims in timely, hassle free and transparent manner to their bank account directly without interference of any middleman. With this Mission, Govt. of Odisha aims to set an example to other states of the country in service delivery standards to make the disaster assistance proactive in a timeless manner in the state.

In addition, the system includes linkage of this data to management dashboards and decision support analytic reports with administrative focus to undertake measures on the selective disasters and geographical areas of concern. Today DAMPS has been implemented in 30 districts of Odisha covering 317 tahasils and more than 2400 Revenue Inspector (RI) Circles serving a wide range of people.

Chief Secretary, Odisha congratulated the team for this achievement.

NEWS clips

ଓଡ଼ିଶା ବିପର୍ଯ୍ୟୟ ପରିଚାଳନା ସିଷ୍ଟମକୁ ସ୍କଚ ଆୱାର୍ଡ

■ ଭୁବନେଶ୍ୱର, ତା୧୩।୨(ପିଏନଏସ): ଓଡ଼ିଶା ସରକାରଙ୍କ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ରାଷ୍ଟ୍ରୀୟ ସୂଚନା-ବିଜ୍ଞାନ କେନ୍ଦ୍ର (ଏନଆଇସି) ସହଯୋଗରେ ପରିଚାଳିତ ପ୍ରକଳ୍ପ ଡିଜାଷ୍ଟର ଆସିଷ୍ଟାନ୍ସ ମନିଟରିଙ୍ଗ ଆଣ୍ଡ ପେମେଂଟ ସିଷ୍ଟମକୁ ଦେଶର ଅନ୍ୟତମ ଶ୍ରେଷ୍ଠ ପୁରସ୍କାର ସ୍କଚ ଆୱାର୍ଡ ୨୦୨୩ରେ ପୁରସ୍କୃତ କରାଯାଇଛି। ପ୍ରତିଯୋଗିତାରେ ଭାଗ ନେଇଥିବା ଦେଶର ବିଭିନ୍ନ ଇ-ଗଭର୍ଣାନ୍ସ ପ୍ରକଳ୍ପ ପୁରସ୍କାର ପାଇଁ ମନୋନୀତ ହୋଇଥିଲେ ମଧ୍ୟ ସେସବୁ ପଛରେ ପକାଇ ଓଡ଼ିଶା ସରକାରଙ୍କ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ପରିଚାଳିତ ଏହି ଡିଜାଷ୍ଟର ଆସିଷ୍ଟାନ୍ସ ମନିଟରିଙ୍ଗ ଆଣ୍ଡ ପେମେଂଟ ସିଷ୍ଟମ ପ୍ରକଳ୍ପକୁ ସର୍ବଭାରତୀୟ ସ୍ତରରେ ଅନ୍ୟତମ ଶ୍ରେଷ୍ଠ ପ୍ରୋଜେକ୍ଟ ରୂପେ ବଛାଯାଇ ସ୍କଚ ସିଲଭର ଆୱାର୍ଡ ୨୦୨୩ ରେ ପୁରସ୍କୃତ ହେବା ରାଜ୍ୟ ପାଇଁ ଗର୍ବ ଓ ଗୌରବର ବିଷୟ।

ଏହି ପ୍ରକଳ୍ପଟି ଓଡ଼ିଶା ରାଜ୍ୟର ୩୦ଟି ଜିଲ୍ଲା, ୩୧୭ ତହସିଲ ଏବଂ ୨୪୦୦ରୁ ଉର୍ଦ୍ଧ୍ୱ ରେଭେନ୍ୟୁ ସର୍କଲରେ ସଫଳତାର ସହିତ ପରିଚାଳିତ ହୋଇଅଛି। ଏହି ପ୍ରକଳ୍ପଟି ଉଦଘାଟନ ହେବା ପରଠୁ ଏପର୍ଯ୍ୟନ୍ତ ଅନଲାଇନ ସିଷ୍ଟମ୍ ମାଧ୍ୟମରେ ୧୫୦୦୦ଟି କେସ୍ ପଞ୍ଜୀକୃତ ହୋଇଛି।

ଗତ ୧୦ରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଏକ ପୁରସ୍କାର ବିତରଣ ସମାରୋହରେ ଓଡିଶା ସରକାରଙ୍କ ତରଫରୁ ବରିଷ୍ଠ ଅଧିକାରୀମାନେ ଯୋଗଦେଇ ଏହି ସମ୍ମାନଜନକ ପୁରସ୍କାରଟି ଗ୍ରହଣ କରିଥିଲେ। ଏଥିପାଇଁ ମୁଖ୍ୟଶାସନ ସଚିବ ପ୍ରଦୀପ କୁମାର ଜେନା ଏବଂ ଅତିରିକ୍ତ ଶାସନ ସଚିବ ସତ୍ୟବ୍ରତ ସାହୁ ସମସ୍ତ ସମ୍ପୃକ୍ତ ଅଧିକାରୀ ଓ ବ୍ୟକ୍ତି ବିଶେଷଜ୍ଞମାନଙ୍କୁ ଶୁଭେଚ୍ଛା ଜଣାଇଲେ।

ବିପର୍ଯ୍ୟୟଜନିତ ସହାୟତା ପ୍ରଦାନରେ ଓଡ଼ିଶାକୁ 'ସ୍କଚ୍'

ଭୁବନେଶ୍ୱର,୧୩।୨(ସମିସ): ବିପର୍ଯ୍ୟୟଜନିତ ସହାୟତା ତଦାରଖ ଓ କ୍ଷତିପୂରଣ ପ୍ରଦାନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଓଡ଼ିଶାକୁ ମିଳିଛି ସମ୍ମାନଜନକ 'ସ୍କଚ୍' ପୁରସ୍କାର। ପୂର୍ବରୁ ବିପର୍ଯ୍ୟୟଜନିତ ଅନୁକମ୍ପାମୂଳକ ରାଶି ପ୍ରଦାନ କ୍ଷେତ୍ରରେ ବିଳମ୍ବ ହେଉଥିବା ବେଳେ ଏବେ ସରକାରଙ୍କ ପକ୍ଷରୁ ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ବିପର୍ଯ୍ୟୟ ସହାୟତା ତଦାରଖ ଓ କ୍ଷତିପୂରଣ ପାଇଁ ଡିଏଏମ୍‌ପିଏସ୍ ପଦ୍ଧତି ୧୦ ଜୁନ ୨୦୨୦ ମସିହାଠାରୁ ଲାଗୁ କରାଯାଇଥିଲା। ଏହି ଡିଜିଟାଲ ପ୍ଲାଟ୍‌ଫର୍ମରେ ଅନ୍‌ଲାଇନ୍ ମାଧ୍ୟମରେ ଖୁବ୍ କମ୍ ସମୟରେ ଅନୁକମ୍ପାମୂଳକ ରାଶି ପ୍ରଦାନ ଶୀଘ୍ର ସମ୍ପନ୍ନ ହେଉଛି। ଡିଏଏମ୍‌ପିଏସ୍‌ରେ ବୈଷୟିକ ଜ୍ଞାନକୌଶଳର ବ୍ୟବହାର ଯୋଗୁ ଏବେ ଏହା ସହଜ ଓ ସରଳ ହୋଇପାରିଛି। ଏହି ଡିଏଏମ୍‌ପିଏସ୍ ବ୍ୟବସ୍ଥା ଭୁବନେଶ୍ୱର ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ରର ବୈଷୟିକ ସହାୟତାରେ ପ୍ରସ୍ତୁତ କରାଯାଇଛି। ଇ-ଗଭର୍ଣ୍ଣାନ୍ସ ମଧ୍ୟରେ ଏଥିସହ ସମ୍ପୃକ୍ତ ବିଭାଗର କାର୍ଯ୍ୟଭାର ହ୍ରାସ ପାଉଛି ଓ ସମୟ ବଞ୍ଚୁଛି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ୍ କମିଶନର ସତ୍ୟବ୍ରତ ସାହୁଙ୍କ ପକ୍ଷରୁ ଅତିରିକ୍ତ ସ୍ୱତନ୍ତ୍ର ରିଲିଫ୍ କମିଶନର ପଦ୍ମନାଭ ବେହେରା ଓ ଉପସଚିବ ବିଶ୍ୱନାଥ ସାହୁ ୨୦୨୩ ମସିହା ପାଇଁ ଏହି ମର୍ଯ୍ୟାଦାଜନକ 'ସ୍କଚ୍' ପୁରସ୍କାର ନୂଆଦିଲ୍ଲୀଠାରେ ଗ୍ରହଣ କରିଛନ୍ତି।

ଓଡ଼ିଶା ବିପର୍ଯ୍ୟୟ ପରିଚାଳନା ସିଷ୍ଟମକୁ 'ସ୍କଚ୍ ଆୱାର୍ଡ'

ଭୁବନେଶ୍ୱର, ୧୩।୨ (ବଣନା ସେଠା)

ଓଡ଼ିଶା ସରକାରଙ୍କ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ରାଷ୍ଟ୍ରୀୟ ସୂଚନା-ବିଜ୍ଞାନ କେନ୍ଦ୍ର (ଏନ୍‌ଆଇସି) ସହଯୋଗରେ ପରିଚାଳିତ ପ୍ରକଳ୍ପ 'ଡିଜାଷ୍ଟର ଆସିଷ୍ଟାନ୍ସ ମନିଟରିଂ ଆଣ୍ଡ୍ ପେମେଣ୍ଟ ସିଷ୍ଟମ'କୁ 'ସ୍କଚ୍ ଆୱାର୍ଡ' ମିଳିଛି। ନୂଆଦିଲ୍ଲୀଠାରେ ଅନୁଷ୍ଠିତ ପୁରସ୍କାର ବିତରଣ ସମାରୋହରେ ଓଡ଼ିଶା ସରକାରଙ୍କ ପକ୍ଷରୁ ବରିଷ୍ଠ ଅଧିକାରୀମାନେ ଯୋଗଦେଇ ପୁରସ୍କାର ଗ୍ରହଣ କରିଥିଲେ। ପ୍ରାକୃତିକ ବିପର୍ଯ୍ୟୟରେ ମୃତ ବ୍ୟକ୍ତି, ଆହତ ହୋଇଥିବା ବ୍ୟକ୍ତି ଓ ଆଘାତ ପାଇଥିବା ବ୍ୟକ୍ତିଙ୍କ ପରିବାର ସଦସ୍ୟଙ୍କୁ ଏହି ପ୍ରକଳ୍ପ ଦ୍ୱାରା ରାଜ୍ୟ ସରକାର ଅନ୍‌ଲାଇନ୍ ମାଧ୍ୟମରେ ଖୁବ୍ କମ୍ ସମୟରେ ସହାୟତା ରାଶି ପ୍ରଦାନ କରିବାରେ ସଫଳ ହୋଇଛନ୍ତି। ସହାୟତା ରାଶି ସିଧାସଳଖ ଭାବେ ପୀଡ଼ିତଙ୍କ ସମ୍ପୃକ୍ତ ବ୍ୟାଙ୍କ ଆକାଉଣ୍ଟକୁ ଆଇଏଫ୍‌ଏମ୍‌ଏସ୍ ସହାୟତାରେ ସ୍ଥାନାନ୍ତର କରାଯାଉଛି। ରାଷ୍ଟ୍ରୀୟ ସୂଚନା-ବିଜ୍ଞାନ କେନ୍ଦ୍ରର ଆଧୁନିକ ବୈଷୟିକ ଜ୍ଞାନକୌଶଳରେ ନିର୍ମିତ ଏହି ପ୍ରକଳ୍ପ ବିଗତ ୨ବର୍ଷ ହେବ ସଫଳତାର ସହିତ ଉଭୟ ସରକାର ଏବଂ ନାଗରିକଙ୍କ ପାଇଁ ଅତ୍ୟନ୍ତ ଉପକାରୀ ସାବ୍ୟସ୍ତ ହୋଇଛି। ଏହା ରାଜ୍ୟର ୩୦ ଜିଲା, ୩୧୭ ତହସିଲ ଏବଂ ୨୪ଶହରୁ ଉର୍ଦ୍ଧ୍ୱ ରେଭେନ୍ୟୁ ସର୍କଲରେ ସଫଳତା ସହ ପରିଚାଳିତ ହେଉଛି। ସେହିପରି ପ୍ରକଳ୍ପ ଆରମ୍ଭ ହେବାପରଠାରୁ ଏପର୍ଯ୍ୟନ୍ତ ଅନ୍‌ଲାଇନ୍ ମାଧ୍ୟମରେ ୧୫ହଜାରଟି କେସ୍ ପଞ୍ଜୀକୃତ ହୋଇଥିବାବେଳେ ପ୍ରାୟ ୧୨୫୪୩ କେସ୍‌ରେ ୧୪୫୮୫ରୁ ଉର୍ଦ୍ଧ୍ୱ ପୀଡ଼ିତଙ୍କ ଅନୁଯାୟୀମାନଙ୍କୁ ୪୯୦ କୋଟିରୁ ଉର୍ଦ୍ଧ୍ୱ ଅନୁକମ୍ପା ସହାୟତା ରାଶି ପ୍ରଦାନ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।